## କଳାହାଣ୍ଡିରେ ବେଧଡ଼କ ଭାଙ୍ଗ କାରବାର

ଭବାନୀପାଟଣା, ୧୪।୨(ସମିସ): ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ସରକାର ନିଶାଦ୍ରବ୍ୟ ତଥା ଗୁଟ୍ଖା, ଭାଙ୍ଗ (ଖଇନି) ଇତ୍ୟାଦି ବିକ୍ରି ନେଇ କଟକଣା ଜାରି କରିଛନ୍ତି। ଲୋକମାନେ ଏହି ସବୁ ନିଶାରୁ କିପରି ଦୂରେଇ ରହିବେ ସେନେଇ ବିଭିନ୍ନ ସମୟରେ ସଚେତନତା କାର୍ଯ୍ୟକ୍ରମ ମଧ୍ୟ ହାତକୁ ନିଆଯାଉଛି। ଏହା ସତ୍ତ୍ୱେ ଏହି କାରବାରକୁ ରୋକାଯାଇ ପାରୁନାହିଁ। ଏହାଫଳରେ ଦିନକୁ ଦିନ ଲୋକମାନେ ନିଶାଗ୍ରସ୍ତ ହୋଇ ପଥଭ୍ରଷ୍ଟ ହେବାରେ ଲାଗିଛନ୍ତି। ଏହି ପରିପ୍ରେକ୍ଷୀରେ କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ସହରର ଆମପାଣି, ଚିଚୈଗୁଡା ଓ ଆଖପାଖ ଅଞ୍ଚଳରେ ଏବେ ଭାଙ୍ଗ (ଖଇନି) କାରବାର ବୃଦ୍ଧି ପାଇବାରେ ଲାଗିଛି। ଏଥିପ୍ରତି ପ୍ରଶାସନର ଲଗାମ ଗାମ ନ ଥିବାରୁ ଏହା ବେଧଡ଼କ ଭାବେ ଚାଲିଛି। ଜୁନାଗଡ଼ ସହର ତଥା ଅଞ୍ଚଳରେ ଏବେ ବିଭିନ୍ନ ବ୍ରାଣ୍ଡର ଭାଙ୍ଗ (ଖଇନି) ଥିବା ପ୍ରାୟ ଦୋକାନରେ ଜୋରସୋରରେ ବିକ୍ରି ହେଉଛି। ଜୁନାଗଡ଼ର କେତେକ ବ୍ୟକ୍ତି କାରଖାନା ଗଢ଼ି ତିଆରି କରୁଛନ୍ତି। ଯଦିଓ ସରକାରୀ ନିୟମାନୁସାରେ ବା କେନ୍ଦ୍ରୀୟ ଅବକାରୀ ବିଭାଗର ତତ୍ତ୍ୱାବଧାନରେ ଏହାକୁ ତିଆରି କରିବା ପାଇଁ ଅନୁମତି ମିଳିଛି ସମ୍ପୃକ୍ତ କାରଖାନା ମାଲିକମାନେ ଏବେ ନିୟମ ଉଲ୍ଲଂଘନ କରି ବେଧଡ଼କ ଭାବେ ଭାଙ୍ଗ ତିଆରି କରୁଥିବା ଜଣାପଡ଼ିଛି। ଭାଙ୍ଗ ତିଆରି ପାଇଁ କେଉଁ କେଉଁ ସାମଗ୍ରୀ ବା ପଦାର୍ଥ ମିଶ୍ରଣ କରି କରାଯାଉଛି ତାହା ପ୍ୟାକେଟରେ ଦର୍ଶାଯାଉ ନାହିଁ। ଏହାର ଅବଧି ସମୟ ମଧ୍ୟ ଉଲ୍ଲେଖ ରହୁନାହିଁ। ଏହାଫଳରେ ଭାଙ୍ଗ ତିଆରିକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜିଲ୍ଲାର ଅଧିକାଂଶ ଲୋକ ଭାଙ୍ଗ (ଖଇନି) ସେବନ କରୁଛନ୍ତି। ଅତିକଡ଼ା ରାସାୟନିକ ପଦାର୍ଥରେ ତିଆରି ଖଇନି ସେବନ କରି ବହୁ ଲୋକ ମୁଖ କର୍କଟରେ ଆକ୍ରାନ୍ତ ହେଉଛନ୍ତି। ଏହି ନିଶା ଦ୍ରବ୍ୟକୁ ଥରେ ସେବନ କଲେ ଏହା ବାରମ୍ବାର ସେବନ କରିବାକୁ ଇଚ୍ଛାହୁଏ। ଲୋକେ ଏହାକୁ ସେବନ କରି ରୋଗର ଶିକାର ହେଉଥିବା ବେଳେ ବର୍ତ୍ତମାନ ଛୋଟ ପିଲାମାନେ ମଧ୍ୟ ଏହାକୁ ଖାଉଥିବା ଦେଖିବାକୁ ମିଳୁଛି। ଅନ୍ୟପକ୍ଷରେ, ସରକାରୀ ଭାବେ ମାଲିକମାନେ ଭାଙ୍ଗ ତିଆରି ପାଇଁ ଗୋଟିଏ ମେସିନ ସ୍ଥାପନ କରିଥିବା ଦର୍ଶାଇ ରାଜସ୍ୱ ପୈଠ କରୁଥିବା ବେଳେ ବେସରକାରୀ ଭାବେ ପ୍ରାୟ ୩/୪ ଗୋଟି ମେସିନ ବସାଇ କୋଟି କୋଟି ଟଙ୍କାର ରାଜସ୍ୱ ଫାଙ୍କି ଚାଲିଛନ୍ତି। ସମସ୍ତ ପ୍ରକାର ଆନୁଷଙ୍ଗିକ ବ୍ୟବସ୍ଥାକୁ ଆଖି ଆଗରେ ରଖି ଜନବସତି ଦୂରରେ ଭାଙ୍ଗ କାରଖାନା ସ୍ଥାପନ କରିବାକୁ ନିୟମ ରହିଛି। ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ନ ପଡ଼ିବା ସାଧାରଣରେ ଚର୍ଚ୍ଚାର ବିଷୟ। ପ୍ରତିଦିନ ଏହି ସବୁ କାରଖାନରୁ ଜିଲ୍ଲା ତଥା ଜିଲ୍ଲା ବାହାରକୁ ଭାଙ୍ଗ ଚୋରା ଚାଲାଣ ହେଉଛି।

# ଅବ୍ୟବସ୍ଥାରେ ଉପଜିଲ୍ଲାପାଳଙ୍କ ଅସ୍ଥାୟୀ କାର୍ଯ୍ୟାଳୟ






**ଭବାନୀପାଟଣା, ୧୪।୨(ସମିସ):**

ଭବାନୀପାଟଣା ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ବିପଦ ସଂକୁଳ ଅବସ୍ଥାରେ ପହଞ୍ଚିଛି। ଏହି କାରଣରୁ ସମ୍ପୂର୍ଣ୍ଣ କୋଠା ଘର ଭାଙ୍ଗି ମାଟିରେ ମିଶିବା ପରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ନୂତନ କୋଠାଘର ପାଇଁ ୬କୋଟି ୫୦ଲକ୍ଷ ଟଙ୍କାର ବ୍ୟୟ ଅଟକଳ ରହିଛି। ବର୍ତ୍ତମାନ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସହର ଉପକଣ୍ଠ ଆରଏମସି ଗୋଦାମ ଘରେ ଚାଲିଛି। ଏଥିଯୋଗୁଁ ଲୋକଙ୍କୁ ହଇରାଣ ହେବାକୁ ପଡୁଛି। ଅଟୋରେ ଗଲେ ୩୦୦ ଟଙ୍କା ଗଣିବାକୁ ପଡୁଛି। ସଂକୀର୍ଣ୍ଣ ଜାଗା ହେତୁ ପରଦା ଆଢୁଆଳରେ ଅଫିସ କାର୍ଯ୍ୟ ଚାଲୁଛି।

ଭବାନୀପାଟଣା ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଅଧୀନରେ ୭ଟି ବ୍ଲକ ରହିଛି। ଏଗୁଡ଼ିକ ହେଲା କେସିଙ୍ଗା, କର୍ଲାମୁଣ୍ଡା, ଏମ ରାମପୁର, ନର୍ଲା, ଲାଞ୍ଜିଗଡ଼, ଥୁଆମୂଳ ରାମପୁର ଏବଂ ଭବାନୀପାଟଣା ବ୍ଲକ। ଉପାନ୍ତ ଅଞ୍ଚଳରୂପେ ଥିବା ଲାଞ୍ଜିଗଡ଼, ଥୁଆମୂଳ ରାମପୁର ସମେତ ଏମ ରାମପୁର ବ୍ଲକର କିଛି ଆଭ୍ୟନ୍ତରୀଣ ଅଞ୍ଚଳରୁ ଲୋକମାନେ ବିଭିନ୍ନ ସମୟରେ ଜରୁରି କାର୍ଯ୍ୟରେ ଆସିଥାନ୍ତି। ଭବାନୀପାଟଣା ବସଷ୍ଟାଣ୍ଡରୁ ଅସ୍ଥାୟୀ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳକୁ ଯିବାକୁ ହେଲେ ଅଟୋ ଭଡ଼ା ବାବଦକୁ ୩୦୦ଟଙ୍କା ଦେବାକୁ ପଡୁଛି। ବିଶେଷଭାବେ ଜମିଜମା ସଂକ୍ରାନ୍ତୀୟ ମାମଲା ଗୁଡିକ ଅଟକି ରହିଛି। ଉପ ଜିଲ୍ଲାପାଳ ସେହି ଗୋଦାମ ଘରେ

**ନୂଆ ଠିକଣା ଆର୍‌ଏମ୍‌ସି ଗୋଦାମ ଘର**
**ଅଟୋରେ ଗଲେ ୩୦୦ ଟଙ୍କା ଭଡ଼ା**
**ପରଦା ଆଢୁଆଳରେ ଚାଲୁଛି ଅଫିସ କାର୍ଯ୍ୟ**
**ଆଇନଜୀବୀଙ୍କ ସହ ସାଧାରଣ ଲୋକ ହନ୍ତସନ୍ତ**

ହିଁ କୋର୍ଟ କରୁଛନ୍ତି। ଆଇନଜୀବୀମାନେ ସହରଠାରୁ ଦୂରକୁ ଯାଇ କାର୍ଯ୍ୟ ସମ୍ପାଦନ କରିବା କଷ୍ଟକର ବ୍ୟାପାର ବୋଲି ପ୍ରକାଶ କରିଛନ୍ତି। ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି କର୍ମଚାରୀମାନେ ଘୋର ହଟହଟା ହେଉଥିବା ଲକ୍ଷ୍ୟ କରାଯାଇଛି। ଗୋଟିଏ ଘରେ ଖୁନ୍ଦାଖୁନ୍ଦି ହୋଇ ଭିନ୍ନ ଭିନ୍ନ ବିଭାଗର କାମ ଚଳାଇ ନିଆଯାଉଛି। ଛୋଟ ଛୋଟ କ୍ୟାବିନରେ ଭାଗ କରାଯାଇଛି। ପରଦା ଟାଙ୍ଗି କର୍ମଚାରୀମାନେ ନିଜ ନିଜ ଆସନରେ କାମ ତୁଲାଉଛନ୍ତି। ଟ୍ରେନ୍ କୋଚ୍ ଭଳି କ୍ୟାବିନ ରହିଛି। ଉପ ଜିଲ୍ଲାପାଳଙ୍କୁ ବାଦ ଦେଲେ ଜଣେ ଡେପୁଟି କଲେକ୍ଟର, ୩ଜଣ ଆସିଷ୍ଟାଣ୍ଟ କଲେକ୍ଟର, ସହ ଯୋଗାଣ ଅଧିକାରୀ (ଏସସିଏସଓ), ଏଡ଼ିଡ଼ବ୍ଲୁ, ଉପଖଣ୍ଡ ପଞ୍ଚାୟତ ଅଧିକାରୀ, ସ୍ମଲ ସେଭିଙ୍ଗ ଅଫିସର ଏବଂ ଉପ ସାମାଜିକ ସୁରକ୍ଷା ଅଧିକାରୀଙ୍କ ସହ ସେକ୍ସନ ଅଫିସର ପ୍ରୋଗ୍ରାମ ଅଫିସର, ବରିଷ୍ଠ କିରାଣି, କନିଷ୍ଠ କିରାଣି, ଷ୍ଟେନୋ ପ୍ରମୁଖ ଗୋଟିଏ ଟିଣ ଚାଦର ଛାତ ତଳେ ବସୁଛନ୍ତି। କଥାହେଲା ଛାତ କହିଲେ ଟିଣ ଚାଦର। ପୁଣି ସମ୍ପୂର୍ଣ୍ଣ ନିଛାଟିଆ ଅଞ୍ଚଳ। ଆଗକୁ ପ୍ରବଳ ଗ୍ରୀଷ୍ମ ପ୍ରବାହରେ ହନ୍ତସନ୍ତ ହେବାକୁ ସମସ୍ତେ ବାଧ୍। ଖଣ୍ଡମଣ୍ଡଳରେ ଦୋକାନଟିଏ ନାହିଁ। ତେଣୁ କର୍ମଚାରୀମାନେ ଖାଇବା ସହିତ ପିଇବା ପାଣି ସାଙ୍ଗରେ ନେଇଯିବାକୁ ହେଉଛି। କର୍ମଚାରୀମାନେ ତ ଯିବା ଜରୁରୀ; କିନ୍ତୁ ସାଧାରଣ ଲୋକଙ୍କ ପାଇଁ ଉପ ଜିଲ୍ଲାପାଳଙ୍କ ଅସ୍ଥାୟୀ କାର୍ଯ୍ୟାଳୟ ବଡ ସମସ୍ୟାର କାରଣ ପାଲଟିଛି।

# ସ୍କୁଲରେ ପହଞ୍ଚିଲା ୟୁପି ଇଟାଭାଟିରୁ ଫେରିଥିବା ଛାତ୍ରୀ



**‘ସକାଳ’ ପ୍ରଭାବ**

**● ରାଜ୍ୟ ବାହାରେ ଥିବା ଛାତ୍ରଛାତ୍ରୀଙ୍କୁ ମଧ୍ୟ ଉଦ୍ଧାର କରାଯିବ: ଜିଲ୍ଲାପାଳ**

**ନୂଆପଡ଼ା, ୧୪।୨ (ସମିସ):** ଆଗକୁ ମାଟ୍ରିକ ବୋର୍ଡ ପରୀକ୍ଷା ତାରିଖ ପାଖେଇ ଆସୁଛି। ଏଭଳି ସ୍ଥିତିରେ ନୂଆପଡ଼ା ସଦର ବ୍ଲକ ଅନ୍ତର୍ଗତ ଉପାନ୍ତ କେନ୍ଦୁବାହାରା ଗ୍ରାମ ପଞ୍ଚାୟତ ଭାଇଁଷାଦର୍ହା ଗାଁର ଜଣେ ଦଶମ ଶ୍ରେଣୀ ଛାତ୍ରୀ ସୁଦୂର ଉତ୍ତର ପ୍ରଦେଶର ଏକ ଇଟାଭାଟିରେ ଦାଦନ ଖଟୁଥିବା ଖବର ପ୍ରଥମେ ‘ସକାଳ’ ଖବର କାଗଜରେ ପ୍ରକାଶିତ ହେବା ପରେ ଇଟାଭାଟି ମାଲିକ ଛାତ୍ରୀକୁ ଛାଡ଼ି ଦେଇଥିଲା। ପରେ ସେ ଘରକୁ ଆସି ପରିବାର ଓ ଗାଁ ମୁଖିଆଙ୍କ ସହ ଶୁକ୍ରବାର ନୂଆପଡ଼ା ସରକାରୀ ବାଳିକା ହାଇସ୍କୁଲରେ ଥିବା ଛାତ୍ରୀ ନିବାସରେ ପହଞ୍ଚିଛନ୍ତି। ବିଦ୍ୟାଳୟ ତରଫରୁ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ତାଙ୍କୁ ସ୍ୱାଗତ କରିଛନ୍ତି। ପ୍ରକାଶ ଯେ, ଭଇଁଷାଦର୍ହା ଗାଁର ଖିଲାବନ ମିର୍ଦ୍ଧାଙ୍କ ଝିଅ କବିତା ନୂଆପଡ଼ା ସରକାରୀ ବାଳିକା ହାଇସ୍କୁଲ ହଷ୍ଟେଲରେ ରହି ଦଶମ ଶ୍ରେଣୀରେ ପାଠ ପଢୁଛନ୍ତି। ସେ ନିକଟରେ ଛୁଟିରେ ଘରକୁ ଆସି ଆଉ ଫେରି ନଥିଲେ। ଆଗକୁ ମାଟ୍ରିକ ପରୀକ୍ଷା ବୋଲି ଗତ ୪ ତାରିଖ ଦିନ ପ୍ରଧାନଶିକ୍ଷକ ମଧୁସୂଦନ ସାହୁ ନିଜ ସହକାରୀ ଶିକ୍ଷକଙ୍କ ସହ ମିଶି କବିତାଙ୍କ ଘରକୁ ଯାଇଥିଲେ। ମାଓପ୍ରବଣ ଦୁର୍ଗମ ଅଞ୍ଚଳକୁ ଯାଇ କବିତାଙ୍କ ଘରେ ପହଞ୍ଚିଲା ବେଳକୁ ସେ ଆଉ ଘରେ ନଥିଲେ। ତାଙ୍କ ଆଇଙ୍କୁ ଭେଟି ଖବର ନେବାରେ ଶ୍ରମିକ ସର୍ଦ୍ଦାରଙ୍କ ଜରିଆରେ ବାପା ସହ ସୁଦୂର ଉତ୍ତର ପ୍ରଦେଶକୁ ଯାଇ ଇଟାଭାଟିରେ ଦାଦନ ଶ୍ରମିକ ଭାବେ କାମ କରୁଥିବା ଜାଣିବାକୁ ପାଇଥିଲେ। ଏହି ଖବର ‘ସକାଳ’ ଖବର କାଗଜରେ ପ୍ରକାଶ ପାଇବା ପରେ ଇଟାଭାଟି ମାଲିକ କବିତାଙ୍କୁ ଛାଡ଼ି ଦେଇଥିଲେ। ମଙ୍ଗଳବାର ରାତିରେ ପିତା ଖିଲାବନଙ୍କ ସହ କବିତା ଟ୍ରେନରେ ଓଡ଼ିଶା ଆସିଥିଲେ। ବୁଧବାର ମଧ୍ୟାହ୍ନରେ ଘରେ ପହଞ୍ଚିବା ବେଳେ ଗୁରୁବାର ମଧ୍ୟାହ୍ନରେ ନିଜ ବାପା, ସ୍ଥାନୀୟ ସ୍ୱେଚ୍ଛାସେବୀ ସୁରେଶ ମିର୍ଦ୍ଧା, ପୂର୍ବତନ ‘ଆମ ଓଡ଼ିଶା ନବୀନ ଓଡ଼ିଶା’ର ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଜିଲ୍ଲା ଅଧ୍ୟକ୍ଷ ଭଗତରାମ ମାଝୀଙ୍କ ସହ ବିଦ୍ୟାଳୟରେ ପହଞ୍ଚିଥିଲେ। ବିଦ୍ୟାଳୟ ପ୍ରଧାନଶିକ୍ଷକ ମଧୁସୂଦନ ସାହୁ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହ ସ୍ୱାଗତ କରିଥିଲେ। ତାଙ୍କୁ ନୂଆ ୟୁନିଫର୍ମ ସହ ପରୀକ୍ଷା ଦର୍ପଣ ପ୍ରଦାନ କରି ଦଶମ ଶ୍ରେଣୀ ପରୀକ୍ଷାରେ ଉତ୍ତମ ପ୍ରଦର୍ଶନ କରିବେ ବୋଲି ଶୁଭାଶୀର୍ବାଦ କରିଥିଲେ। ପରିବାର ତଥା ଗ୍ରାମବାସୀଙ୍କ ତରଫରୁ ଭଗତରାମ ମାଝୀ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ। ଏଭଳି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ନାରୀ ଶିକ୍ଷା ପ୍ରତି ଗୁରୁତ୍ୱ ଦେଇଥିବାରୁ ଶିକ୍ଷକ ଏବଂ ‘ସକାଳ’ ପରିବାରକୁ ମଧ୍ୟ ସାଧୁବାଦ ଜଣାଇଥିଲେ। ଏହି ଖବର ପାଇ ଜିଲ୍ଲାପାଳ ମଧୁସୂଦନ ଦାଶ ମଧ୍ୟ ଧନ୍ୟବାଦ ଜଣାଇଛନ୍ତି। ଜିଲ୍ଲାରେ ଆହୁରି କେତେ ପିଲା ରାଜ୍ୟ ବାହାରେ ଅଛନ୍ତି, ତା ଉପରେ ପ୍ରଶାସନ ନଜର ରଖିଛି। ସେମାନଙ୍କୁ ମଧ୍ୟ ଉଦ୍ଧାର କରାଯିବ ବୋଲି ଆମ ପ୍ରତିନିଧିଙ୍କୁ ସେ କହିଛନ୍ତି।

## ଲାଞ୍ଜିଗଡ଼ ଜଗନ୍ନାଥ ମନ୍ଦିରର ବାର୍ଷିକ ପ୍ରତିଷ୍ଠା ଉତ୍ସବ

ଲାଞ୍ଜିଗଡ଼, ୧୪।୨(ସମିସ): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ ଜଗନ୍ନାଥ ମନ୍ଦିର ପ୍ରଥମ ବାର୍ଷିକ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। କର୍ତ୍ତା ଭାବେ ଚନ୍ଦ୍ରଧ୍ୱଜ ପେଶନିଆ, ଶାନ୍ତିଲତା ପେଶନିଆ, ଶରତଚନ୍ଦ୍ର ସିଂ, ସବିତା ସିଂ, ସୁବାସ ଚନ୍ଦ୍ର ଅଗ୍ରୱାଲ ଓ ପିଙ୍କିବାଇ ଅଗ୍ରୱାଲ କାର୍ଯ୍ୟ ସମ୍ପାଦନ କରିଥିଲେ। ମୁଖ୍ୟ ପୁରୋହିତ ଭାବେ ଅନନ୍ତ ଚରଣ ରଥ ପୂଜାକାର୍ଯ୍ୟ କରୁଥିବା ବେଳେ ସୁନୀଲ ମିଶ୍ର, ଦାମୋଦର ରଥ ପ୍ରମୁଖ ପୂଜା କାର୍ଯ୍ୟ ତୁଲାଇଛନ୍ତି। ଦୀନବନ୍ଧୁ ବାରିକ ସହଯୋଗ କରିଥିଲେ। ଲାଞ୍ଜିଗଡ଼ ଶ୍ରୀ ହରିହର ସାଂସ୍କୃତିକ ସେବା ସମିତି ସଭାପତି ରାଜେନ୍ଦ୍ର ପ୍ରତାପ ସିଂ ଦେଓ, ସମ୍ପାଦକ କାମରାଜ ଦଳବେହେରା, ଶ୍ରୀଧର ପେଶନିଆ ସହଯୋଗ କରିଥିଲେ।

## ସ୍ୱାମୀଙ୍କୁ ଛୁରାମାଡ଼ କରି ଜେଲ୍ ଗଲେ

କେସିଙ୍ଗା, ୧୪।୨(ସମିସ): କଳାହାଣ୍ଡି ଜିଲ୍ଲା କେସିଙ୍ଗା ସହରର ଜଗନ୍ନାଥପଡ଼ାରେ ରାମକୃଷ୍ଣ କୈବର୍ତ୍ତଙ୍କୁ ଛୁରାରେ ଆକ୍ରମଣ ଘଟଣାରେ ତାଙ୍କ ସ୍ତ୍ରୀ ସବିତା କୈବର୍ତ୍ତଙ୍କୁ ଶୁକ୍ରବାର ପୁଲିସ ଗିରଫ କରିଛି। କୋର୍ଟ ଚାଲାଣ ପରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଭବାନୀପାଟଣା ଜିଲ୍ଲା କାରାଗାରକୁ ପଠାଇ ଦିଆଯାଇଛି। ରାମକୃଷ୍ଣଙ୍କ ଗଳାରେ ଗଭୀର ଆଘାତ ଲାଗିଛି। ପ୍ରଥମେ କେସିଙ୍ଗା ମେଡିକାଲରେ ପ୍ରାଥମିକ ଚିକିତ୍ସା ପରେ ଜିଲ୍ଲା ହସ୍ପିଟାଲକୁ ପଠାଯାଇଥିଲା। ପରେ ବୁର୍ଲା ସ୍ଥାନାନ୍ତର କରାଯାଇଛି।

# ମାଲ୍‌ବାହୀ ଟ୍ରେନ୍ ଧକ୍କାରେ ଟ୍ରାକ୍ଟର ଚାଳକ ଗୁରୁତର



**ଲାଞ୍ଜିଗଡ଼, ୧୪।୨(ସମିସ):** ଲାଞ୍ଜିଗଡ଼ ଥାନା ଯୋଡ଼ାବନ୍ଧରୁ ଗୋପୀନାଥପୁରକୁ ସଂଯୋଗ କରୁଥିବା ରେଲୱେ କ୍ରସିଂରେ ଶୁକ୍ରବାର ଦୁର୍ଘଟଣା ଘଟିଛି। ଗୋଟିଏ ଟ୍ରାକ୍ଟରକୁ ଏକ ମାଲବାହୀ ଟ୍ରେନ୍ ଧକ୍କା ଦେଇଛି। ଏଥିରେ ଟ୍ରାକ୍ଟର ଚାଳକ ଗୁରୁତର ହୋଇଛନ୍ତି।

ଶୁକ୍ରବାର ସକାଳୁ ଗୋପୀନାଥପୁର ଗାଁର କ୍ଷେତ୍ର ପ୍ରଧାନୀଙ୍କ ଟ୍ରାକ୍ଟର ଧାନ ଆଣିବା ପାଇଁ ଚମ୍ପାଦେଇପୁର ଆସୁଥିଲା। ଏହି ସମୟରେ ରେଲୱେ କ୍ରସିଂରେ ହଠାତ ଏକ ମାଲ୍‌ବାହି ଟ୍ରେନ ଟ୍ରାକ୍ଟରଟିକୁ ଧକ୍କା ଦେଇଥିଲା। ଟ୍ରେନ ଧକ୍କାରେ ଗାଡି ଡ୍ରାଇଭର ଛିଟିକି ପଡ଼ିଥିଲେ। ତାଙ୍କ ମୁଣ୍ଡରେ ଆଘାତ ଲାଗିଛି। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପଠାଇଥିଲେ। ଏହି ଘଟଣାକୁ ନେଇ ସେଠାରେ ଉତ୍ତେଜନା ଦେଖା ଦେଇଥିଲା। ଖବର ପାଇ ରେଲୱେ ପୁଲିସ ପହଞ୍ଚି ଥିଲା। ଲୋକେ କ୍ଷତି ପୂରଣ ଦାବି କରିବା ସହ ଯଥାଶୀଘ୍ର ଓଭର ବ୍ରିଜ ନିର୍ମାଣ କରିବା ପାଇଁ ଦାବି ରଖିଛନ୍ତି।

ପୂର୍ବତଟ ରେଳପଥ ଅଧୀନ ସମ୍ବଲପୁର ଡିଭିଜନର ଏକ ଗୁରୁତ୍ୱପୂର୍ଣ୍ଣ ରେଳ ଷ୍ଟେସନ ଭାବେ ରାୟଗଡ଼ା ଜିଲ୍ଲା ଅମ୍ବାଦଳା ରେଳ ଜଙ୍କସନ ପରିଚିତ। ୨୦୦୪ରେ କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ରେ ବେଦାନ୍ତ ଆଲୁମିନା ଲିମିଟେଡ଼ ସ୍ଥାପନ ହେବା ପରେ ୨୦୧୦ରେ ଅମ୍ବାଦଳା ରେଳ ଷ୍ଟେସନରୁ ଲାଞ୍ଜିଗଡ଼ ବେଦାନ୍ତ କମ୍ପାନୀକୁ ପ୍ରାୟ ୨୦ କିମି ଦୂର ରେଳ ଲାଇନ ସଂଯୋଗ ହୋଇଛି। ଏହି ଲାଇନ୍ ଦେଇ ଲାଞ୍ଜିଗଡ଼ ବେଦାନ୍ତ କାରଖାନାକୁ ଦୈନିକ ମାଲ ପରିବହନ ପାଇଁ ମାଲବାହି ରେଳ ଯାତାୟତ କରୁଛି। ଲାଞ୍ଜିଗଡ଼ ବ୍ଲକ ଖମନଖୁଣ୍ଟି, ଚନ୍ଦନପୁର, ଗୋପୀନାଥପୁର, ଯୁଡାବନ୍ଧ, ବିଲାତିପଦର, ପତ୍ରାପଡ଼ା, ଲଙ୍ଗଳବେଡା, ହରେକୃଷ୍ଣପୁର, ରଘୁନାଥପୁର, ଛତ୍ରପୁର ଗାଁ ମୁଣ୍ଡ ଦେଇ ଏହି ରେଳ ଲାଇନ୍ ଯାଇଛି। ୧୫ ବର୍ଷ ହେଲା ଓଭର ବ୍ରିଜ ନିର୍ମାଣ କରିବା ପାଇଁ ଅଞ୍ଚଳବାସୀ ରେଳ ବିଭାଗକୁ ଦାବି କରିଛନ୍ତି। ଅନେକ ଥର ମାଲବାହୀ ଟ୍ରେନକୁ ଅଟକାଇ ଧାରଣା ଦେଇଛନ୍ତି। ଏମିତିକି ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ମଧ୍ୟ ବାରମ୍ବାର ଅଭିଯୋଗ କରିଛନ୍ତି; ହେଲେ କେହି ମଧ୍ୟ ଦୃଷ୍ଟି ଦେଉନାହାନ୍ତି। ପ୍ରତିଦିନ ଏହି ରେଲ ଲାଇନ ଦେଇ ଅନେକ ସ୍କୁଲ, କଲେଜ ଛାତ୍ରଛାତ୍ରୀ ଯିବା ଆସିବା କରୁଛନ୍ତି। ଏହି କ୍ରସିଂରେ ଫାଟକ ମଧ୍ୟ ନାହିଁ। ସେଥିପାଇଁ ସଦାବେଳେ ଭୟର ବାତାବରଣ ଦେଖା ଦେଉଛି।

# ଧୂଳିରେ ଉବୁଟୁବୁ କେସିଙ୍ଗା ସହର

**କେସିଙ୍ଗା, ୧୪।୨(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ସହର ଧୂଳିରେ ଉବୁଟୁବୁ। ସହର ମଝିରେ ୨୬ ନମ୍ବର ଜାତୀୟ ରାଜପଥ ଲମ୍ବିଛି। ଦିନରାତି ଗାଡ଼ି ମଟର ଚାଲିବା ଫଳରେ ରାସ୍ତା ସାରା ଧୂଳି ଉଡୁଛି। ରେଳ ଓଭର ବ୍ରିଜ କାମ ଜୋର୍‌ସୋରରେ ଚାଲିଛି। ଏଣୁ ଶହ ଶହ ଟ୍ରିପ୍ ହାଇୱା ଯିବା ଆସିବା କରୁଛି। ହାଇୱାରୁ ମାଟି ଉଡି ଅଣନିଃଶ୍ୱାସୀ କରୁଛି। ରାସ୍ତାରେ ମଧ୍ୟ ମାଟି ପଡୁଛି। ପ୍ରଶାସନ ଦେଖି ମଧ୍ୟ ନ ଦେଖିଲା ଭଳି ଅଭିନୟ କରୁଛି। ସହରରେ ଦୀର୍ଘ ଦିନ ହେଲାଣି ପାଣି ସିଞ୍ଚନ କରାଯାଉ ନାହିଁ। ଧୂଳି ଅପସାରଣ ପାଇଁ ଏନଏସିରେ ମେସିନ ଥିଲେ ମଧ୍ୟ ଠିକରେ ବ୍ୟବହାର କରାଯାଉନାହିଁ। ରେଳ ଓଭର ବ୍ରିଜ କାମ କରୁଥିବା ଠିକା ସଂସ୍ଥା ମଧ୍ୟ ରାସ୍ତା ଉପରେ ମାଟି, ବାଲି ପକାଇ ଚୁପ୍। ଏଣୁ କେସିଙ୍ଗାରେ ଜନ ଅସନ୍ତୋଷ ବଢ଼ୁଛି।

## ଷୋହଳ ପ୍ରହର ନାମଯଜ୍ଞର ପୂର୍ଣ୍ଣାହୁତି

କେସିଙ୍ଗା, ୧୪।୨(ସମିସ): କେସିଙ୍ଗା ସାହୁପଡ଼ାରେ ୧୨ ତାରିଖରୁ ଆରମ୍ଭ ହୋଇଥିବା ଷୋହଳ ପ୍ରହର ନାମଯଜ୍ଞ ଶୁକ୍ରବାର ଦିନ ପୂର୍ଣ୍ଣାହୁତି ହେଇଛି। ଦୁଇ ଦିନ ଧରି ଜିଲ୍ଲାର ୧୩ଟି ପ୍ରମୁଖ ନାମଯଜ୍ଞ ଦଳ ସମେତ ମହିଳା ନାମଯଜ୍ଞ ଦଳରେ ସହୁପଡ଼ାର ରାଧାକୃଷ୍ଣ ମନ୍ଦିର ପରିସର କମ୍ପି ଉଠିଥିଲା। ଛବିଲାଲ ସାହୁ ଓ ତାଙ୍କ ପତ୍ନୀ ଜାନକୀ ସାହୁ କର୍ତ୍ତା ଥିଲେ। ଆନନ୍ଦଚନ୍ଦ୍ର ପାଣିଗ୍ରାହୀ, କିଶୋରଚନ୍ଦ୍ର ମୁନି ଓ ଧ୍ରୁବ ପାଣିଗ୍ରାହୀ ପୂଜାକାର୍ଯ୍ୟ କରିଥିଲେ। ପ୍ରମୋଦ ସାହୁ, ଡିଲର ସାହୁ, ମୁରଲୀ ସାହୁ, ରଞ୍ଜନ ବେହେରା, ନିମାଇ ସ୍ୱାଇଁ, ଅର୍ଜୁନ ସାହୁ, ଜୀବର୍ଦ୍ଧନ ସାହୁ, ପ୍ରଧାନି ସାହୁ, ଗୁରୁ ସାହୁ, ଭାରତ ସାହୁ, ଧର୍ମୁ ସାହୁ, ଗୋପୀନାଥ ସାହୁ ଓ କୁମର ସାହୁ ପ୍ରମୁଖ ସହଯୋଗ କରିଥିଲେ।

# କାର୍ ଧକ୍କାରେ ଯୁବକଙ୍କ ମୃତ୍ୟୁ

**ଦାଦନ ଯାଇ ଘରକୁ ଫେରୁଥିଲେ**

**କୋକସରା, ୧୪।୨(ସମିସ):** ହାଇଦ୍ରାବାଦରେ ଦାଦନ ଖଟି କିଛି ରୋଜଗାର କରିବା ପରେ ହସ ଖୁସିରେ ଘରକୁ ଫେରୁଥିଲେ; ହେଲେ ଅଧା ବାଟରେ କାର ଚଢ଼ିଗଲା। କଳାହାଣ୍ଡି ଜିଲ୍ଲା ଆମପାଣି ବସଷ୍ଟାଣ୍ଡ ନିକଟରେ ଏଭଳି ଦୁଃଖଦ ଘଟଣା ଘଟିଛି। ଏଥିରେ ଛତିଶଗଡ଼ ଗରିଆବନ୍ଧ ଜିଲ୍ଲା ଧରଣୀବାହାଲ ଗ୍ରାମର ରମେଶ ଠାକୁର(୨୮)ଙ୍କ ମୃତ୍ୟୁ ଘଟିଛି।

ଶୁକ୍ରବାର ସକାଳେ ରମେଶ ହାଇଦ୍ରାବାଦରୁ ଏକ ବସ୍ ଯୋଗୁଁ ଆସି ଆମପାଣି ବସଷ୍ଟାଣ୍ଡରେ ଓହ୍ଲାଇଥିଲେ। ଗନ୍ତବ୍ୟସ୍ଥଳକୁ ଯିବା ପାଇଁ ଅନ୍ୟ ଏକ ବସ୍‌କୁ ଅପେକ୍ଷା କରିଥିଲେ। ଠିକ୍ ଏହି ସମୟରେ ନବରଙ୍ଗପୁର ପଟୁ ଆସୁଥିବା ଏକ କାର (ଓଡି୦୮ ୱାଇ ୨୮୪୧) ରମେଶଙ୍କୁ ଧକ୍କା ଦେଇଥିଲା। ଘଟଣା ସ୍ଥଳରେ ରମେଶ ଗୁରୁତର ହୋଇଥିଲେ। ତାଙ୍କୁ ଆମ୍ବୁଲାନ୍ସ ଯୋଗେ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଆମପାଣି ଥାନା ପୁଲିସ ଗାଡ଼ିକୁ ଜବତ କରିବା ସହ ଡ୍ରାଇଭରକୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛି। ଏନେଇ ଆମପାଣି ଥାନାରେ ଏକ ମାମଲା ରୁଜୁ ହୋଇଛି। ତଦନ୍ତ ଚାଲିଥିବା ପୁଲିସ କହିଛି।

# ଉତ୍ସାହ, ଆଗ୍ରହ ବଢ଼ାଇଛି ‘ନିପୁଣ ଓଡ଼ିଶା’





**କଳମପୁର, ୧୪।୨(ସମିସ):**

ଇଚ୍ଛାପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନିପୁଣ ଓଡ଼ିଶା ମେଳା ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବ୍ଲକ ଅଧୀନ ୮୦ଟି ବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ସହକାରୀ ଗୋଷ୍ଠୀ ଶିକ୍ଷା ଅଅଧିକାରୀ ହେମନ୍ତ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ବ୍ଲକ ଉପାଧ୍ୟକ୍ଷ ଚିନ୍ତାମଣି ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ଶୁଭେନ୍ଦୁ ପଣ୍ଡା, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ମନୋଜ ମେହେର, ଜିଲ୍ଲା ନିପୁଣ ମେଳା ଶିକ୍ଷକ ପ୍ରଶିକ୍ଷକ ରାଜେଶ ଭୋଇ ପ୍ରମୁଖ ମଞ୍ଚାସୀନ ଥିଲେ। ଦ୍ୱିତୀୟ ଅଧିବେଶନରେ ଗୋଷ୍ଠୀ ଶିକ୍ଷା ଅଧିକାରୀଣୀ ସୁଶ୍ରୀ ମଧୁସ୍ମିତା ନାଏକ ଅଧ୍ୟକ୍ଷତା କରିଥିଲେ। କଳମପୁର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ନବଘନ ସାହୁ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ମନ୍ମଥ ମିଶ୍ର, ଅର୍ଜୁନ ସାହୁ, ରାହାସ ତେଣ୍ଡକାରି, ବାବୁରାଓ ଆଚାରୀ, ଶ୍ରୀରାମ ପଣ୍ଡା, ଦିଲିପ ବେହେରା, ମୋହନ ମୁଣ୍ଡ, ବିଜୟ ନାଏକ, ଉଦୟ ନାରାୟଣ ସିଂହ ମାଝି, ବିଜୟ ସୁରଦେଓ, ସୁଶିଲ ପଣ୍ଡା, ବିଶ୍ୱ ନାୟକ, ପ୍ରଦୀପ ମାଝୀ, ଶିକ୍ଷୟିତ୍ରୀ ହୀରା ବାଗ, ବନିତା ବାଗ, ମଧୁସ୍ମିତା ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

**ଧର୍ମଗଡ଼:** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ପୁଟିଆଚୁରା କେନ୍ଦ୍ର ଉଚ୍ଚପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ନିପୁଣ ଓଡ଼ିଶା ମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ମନୋରଞ୍ଜନ ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି କାର୍ଯ୍ୟକ୍ରମରେ ପୁଟିଆଚୁରା ସିଆରସିସି ରେଖରାମ ନାଏକ, କାର୍ଲିପଡ଼ା ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ କ୍ଷୀରସିନ୍ଧୁ ଦୁର୍ଗା, ସଂକରିପାଲି ବିଦ୍ୟାଳୟର ସହକାରୀ ଶିକ୍ଷକ ଶେଷଦେବ ପାତ୍ରୀ, ରେଙ୍ଗସାପାଲି ଉଚ୍ଚପ୍ରାଥମିକ ବିଦ୍ୟାଳୟ ସଚିନ୍ଦ୍ର ବାଗ ଯୋଗ ଦେଇଥିଲେ। କ୍ଲଷ୍ଟର ଅଧୀନ ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟତ୍ରୀଙ୍କ ସହ ପ୍ରତି ବିଦ୍ୟାଳୟରୁ ୧୦ ଜଣ ଛାତ୍ରଛାତ୍ରୀ, ଅଭିଭାବକ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ଏହି ଅବସରରେ ଶିକ୍ଷକମାନଙ୍କ ଦ୍ୱାରା ପ୍ରସ୍ତୁତ ଶିକ୍ଷଣ ସମାଗ୍ରୀଗୁଡିକୁ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦର୍ଶନ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ସମସ୍ତ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଶିକ୍ଷକ/ଶିକ୍ଷୟତ୍ରୀଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ଶିକ୍ଷୟତ୍ରୀ ମାଧୁରୀ ବାଗ, ହେମାଙ୍ଗିନୀ ପଧାନ ସହଯୋଗ କରିଥିଲେ। କର୍ମାଠ ଉଚ୍ଚପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଅନିଲ ନାୟକ ମଞ୍ଚ ପରିଚାଳନା କରିଥିଲେ।

# ସରସ୍ୱତୀ ଶିଶୁ ମନ୍ଦିରରେ ମାତୃପିତୃ ପୂଜା



**କୋକସରା, ୧୪।୨(ସମିସ):** କୋକସରା ବ୍ଲକ କୁସୁମଖୁଣ୍ଟି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶୁକ୍ରବାର ମାତୃପିତୃ ପୂଜନ ଦିବସ ପାଳିତ ହୋଇଛି। ଶିଶୁ ବିଦ୍ୟା ମନ୍ଦିର ପ୍ରଧାନ ଆଚାର୍ଯ୍ୟ ଦେବାନନ୍ଦ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିଶୁ ମନ୍ଦିର ସଭାପତି ବୃନ୍ଦାବନ ପୁଝାରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଉପସଭାପତି ପରମେଶ୍ୱର ବାଗ, ଶୁଭେଚ୍ଛୁ ଭୁବନେଶ୍ୱର ନାଏକ, ବିକାଶ ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବୃନ୍ଦାବନ ପୁଝାରୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀ ନିଜ ପିତାମାତାଙ୍କୁ ପୁଷ୍ପମାଲ୍ୟ ଅର୍ପଣ ସହ ସେମାନଙ୍କ ମୁଣ୍ଡରେ ଚନ୍ଦନ ତିଳକ ଦେଇ ପୂଜା କରିଥିଲେ। ଗୁରୁଜୀ ଉତ୍ତମ ପଣ୍ଡା ଓ ପରମାନନ୍ଦ ବେମାଲ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଗୁରୁଜୀ ମୁରଲୀଧର ପଟ୍ଟନାୟକ, ଦୁଷ୍ମନ୍ତ ପୁଝାରୀ, ଭିକାରୀ ଚରଣ ବିଷି, ଗୁରୁମା ସନ୍ଧ୍ୟାରାଣୀ ମହାରଣା, ମିନାକ୍ଷୀ ନାଗ, ଲିପ୍ସା ଭଞ୍ଜ, ସୁଲଗ୍ନା ଦାସ, ମିନତି ପଟ୍ଟନାୟକ, ବୈଶାଳୀ ନାଗ, ସେବକ ଗଗନେଶ୍ୱର ବେହେରା, ସେବିକା ସଞ୍ଜିତା ଭାଟି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଜିଲ୍ଲାପାଳଙ୍କ ବିଭିନ୍ନ ପ୍ରକଳ୍ପ ପରିଦର୍ଶନ



ଶଗଡ଼ା, ୧୪ ।୨(ସମିସ):ବୌଦ୍ଧ ଜିଲ୍ଲାପାଳ ସୁବ୍ରତ ପଣ୍ଡା କଣ୍ଟାମାଳ ବ୍ଲକର ଅନେକ ପ୍ରକଳ୍ପ ପରିଦର୍ଶନ କରିଛନ୍ତି । ପ୍ରଥମେ କଣ୍ଟାମାଳ ଷ୍ଟାଡିୟମ ପରିଦର୍ଶନ କରିଥିଲେ । ପରେ ଶିମିଳି ପଦର ପଞ୍ଚାୟତ ଲୋକାପଡ଼ା ମେଗା ପାନୀୟ ଜଳ ପ୍ରକଳ୍ପ ବୁଲି ଦେଖିଥିଲେ । ଖଟଖଟିଆ, ମନମୁଣ୍ଡା, ରକ୍ସା ଓ କୁରୁମ ପଦର ମଣ୍ଡି ପରିଦର୍ଶନ କରିବା ସହ ସମସ୍ୟା ସମ୍ପର୍କରେ ଚାଷୀଙ୍କ ସହ ଆଲୋଚନା କରିଥିଲେ । ଉପଜିଲ୍ଲାପାଳ ପ୍ରବୀଣ ବାଣୁଆ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, କଣ୍ଟାମାଳ ବିଡ଼ିଓ ସାମି ଜୟଶ୍ରୀ ରେ‡ୀ, ଅତିରିକ୍ତ ତହସିଲଦାର ଧନଞ୍ଜୟ ସାହୁ, ସହକାରୀ ଯନ୍ତ୍ରୀ ଜୟ ମହନ୍ତ ପ୍ରମୁଖ ଉପସ୍ଥିତ ଥିଲେ

## ବ୍ୟାପକ ଗଞ୍ଜେଇ ଗଛ ନଷ୍ଟକଲା କଣ୍ଟାମାଳ ପୁଲିସ



ଶଗଡ଼ା, ୧୪ ।୨(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ରେଞ୍ଜ ଅଧୀନ ବରଗାଁ ପଞ୍ଚାୟତ ବୁଢ଼ାଖୋଲ ସଂରକ୍ଷିତ ଜଙ୍ଗଲରୁ କଣ୍ଟାମାଳ ପୁଲିସ ଚଢ଼ଉ କରି ବ୍ୟାପକ ଗଞ୍ଜେଇ ଗଛ ନଷ୍ଟ କରଛି । ବିଶ୍ୱସ୍ତ ସୂତ୍ରରୁ ଖବର ପାଇ କଣ୍ଟାମାଳ ଥାନାର ଏକ ଟିମ୍ ଚଢ଼ାଉ କରିଥିଲା । ୪୨.୫୦ ଏକର ପରିମିତ ଜାଗାରେ ଚାଷ ହୋଇଥିବା ପାଖାପାଖି ୫୦ ହଜାର ୯୮୨ ବେଆଇନ୍ ଗଞ୍ଜେଇ ଗଛକୁ କାଟିବା ପରେ ତାହାକୁ ପୁଲିସ ପୋଡ଼ି ଦେଇଛି । ଏ ସଂକ୍ରାନ୍ତରେ କଣ୍ଟାମାଳ ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି ।

## ବାର୍ହା ଶିକାର ପାଇଁ ବିଛାଯାଇଥିବା ତାର ଜବତ

ଶଗଡ଼ା, ୧୪ ।୨(ସମିସ): ମନମୁଣ୍ଡା ରେଞ୍ଜ ଅଧୀନ ରତାଖଣ୍ଡି ଜଙ୍ଗଲରେ ବାର୍ହା ଶିକାର ପାଇଁ ବିଛା ଯାଇଥିବା ବିଦ୍ୟୁତ୍ ତାର ଜବତ ହୋଇଛି । ୧୧ କେଭି ବିଦ୍ୟୁତ୍ ତାରରେ ହୁକ କରି ବାର୍ହା ଶିକାର ପାଇଁ ତାର ବିଛା ଯାଇଥିଲା । ମନମୁଣ୍ଡା ବନ ବିଭାଗ କୌଣସି ସୂତ୍ରରୁ ଖବର ଏହି ପାଇଥିଲା । ଏହାପରେ ମନମୁଣ୍ଡା ବିଦ୍ୟୁତ୍ ବିଭାଗ ଓ ବନ ବିଭାଗ ଚଢ଼ଉ କରି ତାର ଜବତ କରିଥିଲା । ତେବେ ଶିକାରୀମାନେ ଏଭଳି ବିପଦଜ୍ଜନକ ତାର ପକାଇ ବନ୍ୟଜନ୍ତୁ ଶିକାର କରିବା ଚିନ୍ତାର କାରଣ ପାଲଟଇଛି । ଏଥିଯୋଗୁଁ ଅନେକ ସମୟରେ ଅବସାବଧାନତା ବଶତଃ ଅଘଟଣ ଘଟୁଛି । ଏହି ତାର ସଂସ୍ପର୍ଶରେ ଆସି ଅନେକ ଲୋକଙ୍କ ଜୀବନ ଯାଉଛି ।

## ମାସେ ହେଲା ନଳକୂପ ଅଚଳ

ଶଗଡ଼ା, ୧୪ ।୨(ସମିସ): ପ୍ରତ୍ୟେକ ଗ୍ରାମକୁ ପାନୀୟ ଜଳ ଯୋଗାଣ ପାଇଁ ସରକାର ଅନେକ ଯୋଜନା ପ୍ରଣୟନ କରି ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି; ହେଲେ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁଁ ଲୋକେ ବାସ୍ତବରେ ପାନୀୟ ଜଳ ଭଳି ମୌଳିକ ସୁବିଧାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି । ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଗୁଡଭେଲିପଦର ପଞ୍ଚାୟତ କୁର୍ଡ଼ୀପାଲି ଗ୍ରାମରେ ଏହା ଦେଖିବାକୁ ମିଳିଛି । ଏହି ଗାଁରେ ମାସେରୁ ଅଧିକ ହେବ ନଳକୂପ ଅଚଳ ହୋଇ ପଡ଼ିଛି । ଏଣୁ ଗାଁ ଲୋକେ ପାଣି ପାଇଁ ହଇରାଣ ହେଉଛନ୍ତି । ଏହି ଗ୍ରାମରେ ପାଖାପାଖି ୩୫ ପରିବାରର ୮୦ଜଣ ଲୋକ ବସବାସ କରୁଛନ୍ତି । ବର୍ତ୍ତମାନ ଖରା ଦିନ ଆରମ୍ଭ ହୋଇଥିବାରୁ ପାନୀୟ ଜଳ ପାଇଁ ସମସ୍ୟା ଦ୍ୱିଗୁଣିତ ହେବ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ତେବେ ଏହି ନଳକୂପକୁ ମରାମତି କରିବା ପାଇଁ ସ୍ଥାନୀୟ କର୍ମଚାରୀ ଓ ଜନ ପ୍ରତିନିଧିଙ୍କଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଛି ।

# 'ଅଂଶୁଘାତ ମୁକାବିଲା ପାଇଁ ପ୍ରସ୍ତୁତ ରୁହ'

ବୌଦ୍ଧ, ୧୪ ।୨(ସମିସ):



ବୌଦ୍ଧ ଜିଲ୍ଲା ସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ଓ ଏହାର ମୁକାବିଲା ସମ୍ପର୍କିତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ସୁବ୍ରତ ପଣ୍ଡା ଅଧ୍ୟକ୍ଷତା କରିଥିଲେ । ବୈଠକରେ ଆଗାମୀ ଗ୍ରୀଷ୍ମଋତୁରେ ପିଇବା ପାଣି ଓ ଅଂଶୁଘାତର ସଫଳ ମୁକାବିଲା ନିମନ୍ତେ ଆଲୋଚନା କରାଯାଇଥିଲା । ସବୁ ପ୍ରକାର ପରିସ୍ଥିତିର ସାମ୍ନା ପାଇଁ ସମସ୍ତ ଅଧିକାରୀ ପ୍ରସ୍ତୁତ ରହିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।

ପ୍ରତ୍ୟେକ ଅଙ୍ଗନବାଡି କେନ୍ଦ୍ର, ଚିକିତ୍ସାଳୟ, ଶିକ୍ଷାନୁଷ୍ଠାନରେ ପର୍ଯ୍ୟାପ୍ତ ପରିମାଣର ଓଆରଏସ ପ୍ୟାକେଟ, ଲିକ୍ୟୁଡ୍ ଓ ପାନୀୟଜଳ ମହଜୁଦ ରଖିବା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ ଏବଂ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲା ଶ୍ରମ ବିଭାଗ ତରଫରୁ ଶ୍ରମିକଙ୍କ କାର୍ଯ୍ୟସ୍ଥଳରେ ସ୍ୱତନ୍ତ୍ର ପାଣିର ବ୍ୟବସ୍ଥା କରିବା ସହ ସକାଳ ୧୧ଟାରୁ ଅପରାହ୍ନ ସାଢେ ୩ଟା ପର୍ଯ୍ୟନ୍ତ ଶ୍ରମିକମାନଙ୍କୁ କାର୍ଯ୍ୟରେ ନିୟୋଜିତ ନ କରିବାକୁ ପରାମର୍ଶ ଦିଆଯାଇଛି । ଜିଲ୍ଲାରେ ଅଚଳ ଥିବା ନଳକୂପଗୁଡିକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରିବା, ପାନୀୟଜଳ ସଙ୍କଟ ଥିବା ଅଞ୍ଚଳଗୁଡିକୁ ଚିହ୍ନଟ କରି ଆବଶ୍ୟକ ସ୍ଥଳେ ଭ୍ରମ୍ୟମାଣ ଟ୍ୟାଙ୍କର ଦ୍ୱାରା ପିଇବା ପାଣିର ସୁବ୍ୟବସ୍ଥା କରିବା, ଗ୍ରୀଷ୍ମ ପ୍ରବାହକୁ ଦେଖି ଶିକ୍ଷାନୁଷ୍ଠାନ ଗୁଡିକର ସମୟ ପରିବର୍ତ୍ତନ କରିବା, ଯାନବାହାନରେ ଯାତ୍ରୀ ପରିବହନ ସମୟ ପରିବର୍ତ୍ତନ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ପ୍ରତି ବ୍ଲକ, ତହସିଲ, ଚିକିତ୍ସାଳୟ ସମେତ ସମସ୍ତ କାର୍ଯ୍ୟାଳୟରେ ନିୟନ୍ତ୍ରଣ କକ୍ଷ ଖୋଲି ତୁରନ୍ତ ଆବଶ୍ୟକ ସେବା, କୁଲର ଯୋଗାଇ ଦେବାକୁ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଆବଶ୍ୟକ ସ୍ଥଳେ ଜିଲ୍ଲାର ଏନଏସି ଏବଂ ବ୍ଲକଗୁଡିକର ଜନଗହଳି ସ୍ଥାନ ଗୁଡିକରେ ଜଳଛତ୍ର ବ୍ୟବସ୍ଥା କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ନିୟନ୍ତ୍ରଣ କକ୍ଷରେ ନିୟୋଜିତ କର୍ମଚାରୀଙ୍କୁ ଉପଯୁକ୍ତ ତାଲିମ ପ୍ରଦାନ କରିବାକୁ ବୈଠକରେ ନିର୍ଦ୍ଦେଶ ଦିଆଯାଇଛି । ଆଶାକର୍ମୀ, ଅଙ୍ଗନବାଡି କର୍ମୀ, ସ୍ୱେଚ୍ଛାସେବୀ ଓ ପଞ୍ଚାୟତରାଜ ସଦସ୍ୟ, ସମସ୍ତ କାଉନସିଲର, ଜନସାଧାରଣଙ୍କୁ ସାମିଲ କରି ଅଂଶୁଘାତର ମୁକାବିଲା ପାଇଁ ସଚେତନତା କାର୍ଯ୍ୟକ୍ରମ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି ।

ସମସ୍ତ ଅଧିକାରୀ ନିଜ ନିଜ ସ୍ତରରେ ବୈଠକ ଡାକି ପୂର୍ବରୁ ସଚେତନ ପାଇଁ ପରାମର୍ଶ ଦେବା ସହ ଯୋଜନା ପ୍ରସ୍ତୁତ କରିବା ପାଇଁ ବୈଠକରେ ଆଲୋଚନା କରାଯାଇଛି । ଛାତ୍ରଛାତ୍ରୀଙ୍କୁ ସଚେତନ କରିବା, ଶିକ୍ଷାନୁଷ୍ଠାନଗୁଡ଼ିକରେ ପିଇବା ପାଣି ବ୍ୟବସ୍ଥା, ପଞ୍ଚାୟତ ପଏଣ୍ଟରେ ଛାଇ ବ୍ୟବସ୍ଥା, ଆବଶ୍ୟକ ପଡ଼ିଲେ କାର୍ଯ୍ୟାଳୟ ଛାତଗୁଡିକ ଧଳା ରଙ୍ଗ କରିବା, ଗାଇଗୋରୁଙ୍କ ପାଇଁ ପାଣି ବ୍ୟବସ୍ଥା, ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ପଶୁପକ୍ଷୀଙ୍କ ପାଇଁ ଛୋଟ ଛୋଟ ପାଣିକୁଣ୍ଡ, ବନ ବିଭାଗ ପକ୍ଷରୁ ଜଙ୍ଗଲରେ ପଶୁପକ୍ଷୀଙ୍କ ପାଇଁ ପାଣି ପାତ୍ର, ସହାୟକ ବ୍ୟବସ୍ଥା, ଏପରିକି ସମସ୍ତେ ନିଜ ବଗିଚା, ଛାତ, ବାରଣ୍ଡା ଉପରେ ପାନୀୟ ଜଳର ବ୍ୟବସ୍ଥା କରିବା, ବନ ବିଭାଗ ପକ୍ଷରୁ ବନ ସୁରକ୍ଷା ସମିତି ସଭ୍ୟଙ୍କ ସହ ବୈଠକ, ଶିକ୍ଷା ବିଭାଗ ଏବଂ ଜିଲ୍ଲା ମଙ୍ଗଳ ବିଭାଗର ଛାତ୍ରାବାସରେ ମଧ୍ୟ ଔଷଧ, ପାଣି ଆଦି ମହଜୁଦ ରଖିବା, ଟ୍ରାଫିକ ଛକରେ ମଧ୍ୟ ଅନୁରୂପ ବ୍ୟବସ୍ଥା ସହ ଗ୍ରୀନ ସେଡ୍ ବ୍ୟବସ୍ଥା କରିବା, ଖରାରୁ ରକ୍ଷା ପାଇବା ପାଇଁ ପଗଡ଼ି, ଟୋପି, ଛତା, ଜୋତା, ପାଣି ବୋତଲ, ପଇଡ଼ ପାଣି ବ୍ୟବହାର, ବିଭିନ୍ନ ସ୍ଥାନରେ ରେଷ୍ଟ ରୁମ୍ ବ୍ୟବସ୍ଥା, ଯାତ୍ରୀବାହୀ ବସ୍‌ରେ ଓଆରଏସ, ପାଣି, ମେଡ଼ିସିନ ବ୍ୟବସ୍ଥା ଆଦି ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଛି ।

ଏହି ବୈଠକରେ ଏସ୍‌ପି ନାଗରାଜ ଦେବରକୋଣ୍ଡା, ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପଜିଲାପାଳ ପ୍ରବୀଣ ବାଣୁଆ, ଡିପିଏଚଓ ଡା. ସଂଘମିତ୍ରା ପଣ୍ଡା ପ୍ରମୁଖ ଅଂଶୁଘାତ ପୂର୍ବରୁ ନେଇଥିବା ଆଗୁଆ ପଦକ୍ଷେପ ବିଷୟରେ ଆଲୋଚନା କରିଥିଲେ । ଜିଲ୍ଲା ଜରୁରୀକାଳୀନ ଅଧିକାରୀ ସୁଧର୍ମା ମଲ୍ଲିକ ସ୍ୱାଗତ ଭାଷଣ ଦେବା ସହ ଧନ୍ୟବାଦ ପ୍ରଦାନ କରିଥଲେ । ବିପର୍ଯ୍ୟୟ ପରିଚାଳନା ଜିଲ୍ଲା ସଂଯୋଜକ ସଞ୍ଜୟ ଝା ବୈଠକ ପରିଚାଳନା କରିଥିଲେ ।

## 'ମେଣ୍ଡାକୁ ନୂତନ ବ୍ଲକ୍ ମାନ୍ୟତା ମିଳୁ'

ତରଭା,୧୪।୨(ସମିସ): ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ ଅନ୍ତର୍ଗତ ମେଣ୍ଡାକୁ ଏକ ବ୍ଲକରେ ପରିଣତ କରିବା ସହ ମେଣ୍ଡା ଫାଣ୍ଡିକୁ ଥାନାର ମାନ୍ୟତା ପ୍ରଦାନ କରିବା ଦାବି ବହୁ ପୁରାତନ । ପୂର୍ବରୁ ମେଣ୍ଡାରେ ଏକ ପୁଲିସ ଥାନା କାର୍ଯ୍ୟ କରୁଥିଲା । ଗମାନଗମନ, ଭୌଗଳିକ ସ୍ଥିତି, ଜନସଂଖ୍ୟା ଦୃଷ୍ଟିରୁ ମେଣ୍ଡାକୁ ବ୍ଲକରେ ପରିଣତ କରିବା ଦାବିର ଯତାର୍ଥତା ରହିଛି ।ତରଭା ବ୍ଲକର ୨୧ ଟି ପଞ୍ଚାୟତ ମଧ୍ୟରୁ ୧୭ଟି ପଞ୍ଚାୟତ ଶୁକତେଲ ନଦୀର ଗୋଟିଏ ପାର୍ଶ୍ୱରେ ରହିଥିବା ବେଳେ ୪ ଟି ପଞ୍ଚାୟତ ମେଣ୍ଡା, ରାଣୀସର୍ଡ଼ା, ଦେଉଳପଦର ଓ ପାଇକବାହାଲ ଶୁକତେଲ ନଦୀର ଅପର ପାର୍ଶ୍ୱରେ ରହିଛି । ଏହି ପାର୍ଶ୍ୱରେ ତରଭା ଥାନା ଅଧୀନରେ ମେଣ୍ଡା,ରାଣୀସର୍ଡା,ଦେଉଳପଦର,ପାଇକବାହାଲ ସମେତ ସୋନପୁର ବ୍ଲକର ଖାରି,ବାଲାଡ଼ି,ନାରାୟଣପୁର ପଞ୍ଚାୟତ ରହିଛି । ରାଣୀସର୍ଡ଼ା ପଞ୍ଚାୟତର ଉପାନ୍ତ ଗ୍ରାମ କୁମଣ୍ଡେରୁ ତରଭା ବ୍ଲକ କାର୍ଯ୍ୟାଳୟର ଦୂରତ୍ୱ ୪୦ କିମି । ପ୍ରଶାସନକୁ ଜନସାଧାରଣଙ୍କ ନିକଟତର କରିବାକୁ ଓଡ଼ିଶା ସରକାର ୧୩ ଟି ଜିଲ୍ଲାକୁ ୩୦ଟି ଜିଲ୍ଲାରେ ପରିଣତ କଲେ । ହେଲେ ଏହାର ସୁଫଳ ପାଇବାରୁ ମେଣ୍ଡା ଅଞ୍ଚଳବାସୀ ଏବେ ସୁଦ୍ଧା ବଞ୍ଚିତ ହୋଇ ରହିଛନ୍ତି । ବର୍ତ୍ତମାନ ମଧ୍ୟ ବ୍ଲକ କାର୍ଯ୍ୟାଳୟରେ କାମ ପଡିଲେ ୪୦ କିମି ବାଟ ଆସିବାକୁ ପଡୁଛି । ଏସବୁ ଦୃଷ୍ଟିରୁ ମେଣ୍ଡାକୁ ଏକ ବ୍ଲକରେ ପରିଣତ କରିବାକୁ ଅଞ୍ଚଳବାସୀ ଦୀର୍ଘବର୍ଷ ହେଲା ଦାବି କରି ଆସୁଥିଲେ । ଏବେ ଏହି ପ୍ରସଙ୍ଗକୁ ନେଇ ବିଜେପି ମଧ୍ୟ ଦାବି ଉଠାଇଲାଣି । ବିଜେପି ମେଣ୍ଡା ମଣ୍ଡଳର ଜିଲ୍ଲା ପ୍ରତିନିଧି ତଥା ରାଜ୍ୟ ସ୍ୱତନ୍ତ୍ର ନିମନ୍ତ୍ରିତ ବିଜେପି ଓବିସି ମୋର୍ଚ୍ଚାର ସଦସ୍ୟ ସନାତନ କର୍ମୀ ମେଣ୍ଡାକୁ ବ୍ଲକରେ ପରିଣତ କରିବାକୁ ବିଜେପିର ବିଭିନ୍ନ ମଞ୍ଚରେ ଦାବି ହେଲାଣି ।

### ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ପାଇଁ ପ୍ରଶିକ୍ଷଣ

## ପରିଚାଳନା ପାଇଁ ତାଲିମନେଲେ ୮୨ ପ୍ରଧାନଶିକ୍ଷକ

ବୌଦ୍ଧ, ୧୪।୨(ସମିସ): ଚଳିତ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ୨୧ରୁ ଆରମ୍ଭ ହେବ । ମାର୍ଚ୍ଚ ୬ ତାରିଖରେ ଏହା ସରିବ । ବୌଦ୍ଧ ଜିଲ୍ଲାର ୭୭ଟି ବିଦ୍ୟାଳୟର ୬୪୮୦ ଛାତ୍ରଛାତ୍ରୀ ୩୩ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେବେ । ଏଥିଲାଗି ମାଉଳସିଙ୍ଗା ଜାନକୀ ଭିକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ପାଇଁ ପ୍ରଧାନ ଶିକ୍ଷକଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

ଜିଲ୍ଲାପାଳ ସୁବ୍ରତ ପଣ୍ଡା ଯୋଗ ଦେଇଥିଲେ । ଛାତ୍ରଛାତ୍ରୀ ଯେପରି ଚାପମୁକ୍ତ ହୋଇ ପରୀକ୍ଷା ଦେବେ ସେଥିପାଇଁ ସେମାନଙ୍କ ମାର୍ଗଦର୍ଶନ କରିବା, ନିଜର ପୂର୍ବ ଅଭିଜ୍ଞତା ଓ ଅନୁଭୂତିରୁ ସଫଳତାର ସହ ପରୀକ୍ଷା ପରିଚାଳନା କରିବାକୁ ପ୍ରଧାନ ଶିକ୍ଷକଙ୍କୁ ପରାମର୍ଶ ଦେଇଥିଲେ । ଗ୍ରୀଷ୍ମପ୍ରବାହ ଆସୁଥିବାରୁ ପ୍ରତ୍ୟେକ ବିଦ୍ୟାଳୟରେ ପାନୀୟଜଳ ଏବଂ ଓଆରଏସ ମହଜୁଦ ରଖିବା, ପରୀକ୍ଷା ପରିଚାଳନାରେ ସ୍ୱଚ୍ଛତା ପାଇଁ ସମସ୍ତ ପରୀକ୍ଷା କେନ୍ଦ୍ରରେ ସିସିଟିଭି ବ୍ୟବସ୍ଥା କରିବା, ଅଂଶୁଘାତରୁ ସତର୍କତା ପାଇଁ ବିହିତ ବ୍ୟବସ୍ଥା, ସାମୂହିକ ସହଯୋଗରେ ପରୀକ୍ଷା ପରିଚାଳନା କରିବାକୁ ଜିଲ୍ଲାପାଳ ଶ୍ରୀପଣ୍ଡା ପରୀକ୍ଷା କେନ୍ଦ୍ର ପରିଚାଳନା ଦାୟିତ୍ୱରେ ଥିବା ଶିକ୍ଷକମାନଙ୍କୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ଅତିରିକ୍ତ ଏସପି ସାର୍ଥକ ରାୟ ପରୀକ୍ଷା କେନ୍ଦ୍ରଗୁଡିକର ସୁରକ୍ଷା ବ୍ୟବସ୍ଥା ନେଇ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ ।

ପରୀକ୍ଷା ପରିଚାଳନା ପାଇଁ ୩ଟି ନୋଡାଲ କେନ୍ଦ୍ରରେ ୪ ଜଣ ଲେଖାଏଁ ସୁରକ୍ଷା କର୍ମୀ ନିୟୋଜିତ କରାଯାଇଥିବା ବେଳେ ସମୁଦାୟ ୩୩ଟି ପରୀକ୍ଷା କେନ୍ଦ୍ରରେ ୭ଟି ଥାନାର କର୍ମଚାରୀମାନଙ୍କୁ ସୁରକ୍ଷା ବ୍ୟବସ୍ଥା ଦାୟିତ୍ୱ ପ୍ରଦାନ କରାଯାଇଛି । ପରୀକ୍ଷା କେନ୍ଦ୍ର ବାହାରେ ଶୃଙ୍ଖଳା ରକ୍ଷା ସହିତ କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନ ହେବା ଉପରେ ବୈଠକରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା । ପରୀକ୍ଷା କେନ୍ଦ୍ରକୁ କୌଣସି ଶିକ୍ଷକ ମୋବାଇଲ ନେଇ ନ ଯିବାକୁ ନିର୍ଦ୍ଦେଶ ଦିଆଯାଇଛି । ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେର ପରୀକ୍ଷା ପାଇଁ ସମସ୍ତ ଗାଇଡ଼ଲାଇନ ବିଷୟରେ ପ୍ରଶିକ୍ଷଣ ଦେଇଥିଲେ । ପ୍ରଶିକ୍ଷକ ଭାବେ ଯୋଗୀନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁଶାନ୍ତ ସିଂ, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଜୟନ୍ତ ପ୍ରଧାନ ଉପସ୍ଥିତ ଥିଲେ । ଅନ୍ୟତମ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ କଣ୍ଟାମାଳ ସନୋଜ ସେଠୀ, ଗୋଷ୍ଠୀ ଶିକ୍ଷା ଅଧିକାରୀ ହରଭଙ୍ଗା ଅଜୟ ଲୁହା, ବୌଦ୍ଧ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କମଳାକାନ୍ତ ଦଳବେହେରା, ଜିଲ୍ଲା ମଙ୍ଗଳ ଅଧିକାରୀ ସୂର୍ଯ୍ୟ ନାରାୟଣ ବେହେରା, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ସୌମ୍ୟରଞ୍ଜନ ରାୟ ଏବଂ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାରସିଂହ ପ୍ରମୁଖ ଉପସ୍ଥିତ ଥିଲେ । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ୩୩ ଜଣ ପରୀକ୍ଷା କେନ୍ଦ୍ର ପରିଚାଳକ, ୩୩ ଜଣ ପରିଦର୍ଶକ, ୮ ଟି ଡେସପାଚ୍ ଟିମ୍‌ର ୧୬ଜଣ ଏହିପରି ସର୍ବମୋଟ ୮୨ ଜଣ ତାଲିମ ଗ୍ରହଣ କରିଥିଲେ ।

## ବିନିକା-ପାପକ୍ଷୟ ଲୋକ ମହୋତ୍ସବ ଉଦ୍‌ଯାପିତ



ବିନିକା,୧୪ ।୨(ସମିସ): ଦୀର୍ଘ ୪ଦିନ ଧରି ବିନିକା ଡାକ୍ତରଖାନା ସମ୍ମୁଖ ପଡ଼ିଆରେ ଚାଲିଥିବା ପଞ୍ଚମ ପାପକ୍ଷୟ ଲୋକ ମହୋତ୍ସବ ଆଜି ସନ୍ଧ୍ୟାରେ ଉଦଯାପିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବରେ ବୀରମହାରାଜପୁର ବିଧାନସଭା କ୍ଷେତ୍ରର ପୂର୍ବତନ ବିଧାୟକ ପଦ୍ମନାଭ ବେହେରା,ସ୍ୱତନ୍ତ୍ର ଅତିଥି ଭାବେ କଂଗ୍ରେସ ଯୁବ ନେତା ସମରେନ୍ଦ୍ର ମିଶ୍ର, ଜିଲ୍ଲା ପରିଷଦ ସଦସ୍ୟ ଲବ କୁମାର ସାହୁ, ଜିଲ୍ଲା ସଂସ୍କୃତି ଅଧିକାରୀ ଯମୁନା ପ୍ରଧାନ,ଅତିଥି ଭାବେ କଂଗ୍ରେସ ଯୁବ ସଂଗଠକ ପ୍ରଦୀପ ସେଠୀ ପ୍ରମୁଖ ଯୋଗଦେଇଥିଲେ । କମିଟି ସମ୍ପାଦକ ଧର୍ମେନ୍ଦ୍ର ସାହୁ,ଦେବରାଜ ମେହେର,ଓମ ପ୍ରକାଶ ଅଗ୍ରୱାଲ ମଞ୍ଚାସୀନ ଥିଲେ । ସଭାରେ କମିଟି ସଭାପତି ପ୍ରଶାନ୍ତ କୁମାର ଦଣ୍ଡସନା ଅଧ୍ୟକ୍ଷତା କରିଥିବା ବେଳେ ମଞ୍ଚ ପରିଚାଳନା ଶିକ୍ଷକ ହିମାଂଶୁ ଭୂଷଣ ପଣ୍ଡା,ସୌମ୍ୟରଞ୍ଜନ ପୂଜାରୀ,ଶାଶ୍ୱତ ତ୍ରିପାଠୀ ଓ ଶେଷରେ ନବକୃଷ୍ଣ ଦନ୍ତା ଧନ୍ୟବାଦ ଅର୍ପଣ କରିଥିଲେ । ଉଦଘୋଷିକା ଆଲିସା ମେହେର, ସନ୍ଧ୍ୟାରାଣୀ ମେହେର, ଦିପଶିକା ସାହୁଙ୍କ ନେତୃତ୍ୱରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ବଲାଙ୍ଗିରର ବଜାସାଲ ଅନୁଷ୍ଠାନ ତରଫରୁ ଲୋକନୃତ୍ୟ ପରିବେଷଣ ଦର୍ଶକଙ୍କୁ ମୁଗ୍ଧ କରିଥିବା ବେଳେ ବିନିକା ଜବଦାର ଘୁମୁରା ନୃତ୍ୟ, ସେଲେଡିର ସ୍ୱର୍ଣ୍ଣଶିକା ପ୍ରଭୃତି ସାଂସ୍କୃତିକ ଅନୁଷ୍ଠାନ ଲୋକନୃତ୍ୟ ପରିବେଷଣ କରିଥିଲେ । ସେହିପରି କଣ୍ଠ ଶିଳ୍ପୀ ବିଚି ମେହେର,ରୁଚି ପାଣିଗ୍ରାହୀ,ବନ୍ଦିତା ନାୟକ,ବ୍ୟାସଦେବ ପାଣିଗ୍ରାହୀ ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ । ଏହି ଅବସରରେ ସେବା କ୍ଷେତ୍ରରେ ବିଭିନ୍ନ କାର୍ଯ୍ୟ ଜାରି ରହିଥିବା ଡ଼ ବେଣୁଧର ପାଣ୍ଡେଙ୍କୁ ପାପକ୍ଷୟ ସମ୍ମାନରେ ସମ୍ମାନିତ କରାଯାଇଥିବା ବେଳେ ବିଭିନ୍ନ କ୍ଷେତ୍ରରେ ସେବା ଜାରି ରଖିଥିବା ବ୍ୟକ୍ତିବିଶେଷ, ଅନୁଷ୍ଠାନ ଏବଂ ମଞ୍ଚରେ କଳା ପ୍ରଦର୍ଶନ କରିଥିବା ଅନୁଷ୍ଠାନଙ୍କୁ ମଧ୍ୟ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା ।

## ପରୀକ୍ଷାର୍ଥୀଙ୍କ ଉଦ୍ଦେଶ୍ୟରେ ବ୍ଲେସିଂ ସେରିମନି

**ବୀରମହାରାଜପୁର ,୧୪।୨(ସମିସ):** ବୀରମହାରାଜପୁର ଉପଖଣ୍ଡ ଉଲୁଣ୍ଡା ବ୍ଲକ ଅନ୍ତର୍ଗତ କୁମାରକେଲି ହାଇସ୍କୁଲରେ ଚଳିତ ବର୍ଷର ମାଟ୍ରିକ ପରୀକ୍ଷାର୍ଥୀଙ୍କ ଉଦ୍ଦେଶ୍ୟରେ ଏକ ବ୍ଲେସିଂ ସେରିମନି ଆୟୋଜିତ ହୋଇଥିଲା । ସ୍କୁଲର ପ୍ରଧାନ ଶିକ୍ଷକ ଜୟରାମ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବୀରମହାରାଜପୁର ମହାବିଦ୍ୟାଳୟର ବରିଷ୍ଠ ଓଡ଼ିଆ ଅଧ୍ୟାପକ କ୍ୟାପଟେନ ସୂର୍ଯ୍ୟନାରାୟଣ ପଣ୍ଡା ମୁଖ୍ୟ ଅତିଥି ରୂପେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଶୃଙ୍ଖଳିତ ଜୀବନଯାପନ ପୂର୍ବକ କଠୋର ଅଧ୍ୟବସାୟ କରିବାକୁ ପରାମର୍ଶ ଦେଇଥିଲେ । ପ୍ରାରମ୍ଭରେ ସ୍କୁଲର ବିଜ୍ଞାନ ଶିକ୍ଷକ ବାଚସ୍ପତି ପଣ୍ଡା ଅତିଥିମାନଙ୍କ ପରିଚୟ ସହ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ । ପ୍ରଧାନଶିକ୍ଷକ ଶ୍ରୀତ୍ରିପାଠୀ ଦଶମ ବୋର୍ଡ ପରୀକ୍ଷା ନିୟମ ବିଷୟରେ ଛାତ୍ର ଛାତ୍ରୀଙ୍କୁ ଆଉଥରେ ସଚେତନ କରାଇଥିଲେ ।ସମ୍ମାନିତ ଅତିଥି ରୂପେ ସ୍କୁଲ ପରିଚାଳନା କମିଟି ର ପୂର୍ବତନ ସଭାପତି ମୂରଲୀଧର ପ୍ରଧାନ ଓ ସ୍କୁଲ ର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମନରୁଚି ଭୋଇ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ । ସ୍କୁଲର ଶିକ୍ଷକ ରଞ୍ଜନ ପଧାନ,ଇନ୍ଦ୍ରମଣି ପଧାନ , ଶିକ୍ଷୟିତ୍ରୀ ପୁଷ୍ପା କୁଲୁ ମଞ୍ଚାସୀନ ଥିଲେ । ନବମ ଶ୍ରେଣୀର ଛାତ୍ରଛାତ୍ରୀମାନେ ବିଦାୟୀ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ଫୁଲ ଓ ଚନ୍ଦନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ସଭା ଶେଷରେ ହିନ୍ଦୀ ଶିକ୍ଷକ ଜୟକିଶନ ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ ।



### ବିଧାୟକ କପ୍ ଫୁଟବଲ ପ୍ରତିଯୋଗିତା

## ବିନିକା ଓ ଫୁଲବାଣୀ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ



ବୌଦ୍ଧ, ୧୪ ।୨(ସମିସ):

ବୌଦ୍ଧ ବ୍ଲକ ମୁଣ୍ଡାପଡ଼ା ଖେଳ ପଡ଼ିଆରେ ଫ୍ରେଣ୍ଡସ କ୍ଲବ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ କାର୍ଡ ଆନୁକୂଲ୍ୟରେ ବିଧାୟକ କପ୍ ଫୁଟବଲ ପ୍ରତିଯୋଗିତା ଚାଲିଛି । ଶୁକ୍ରବାର ପ୍ରଥମ ମ୍ୟାଚ ବିନିକା ମା' ନକତାଖୁଡେନ କ୍ଲବ ଓ ପୁରୁଣାକଟକ ଭୈରବୀ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ବିନିକା ୧-୦ ଗୋଲରେ ବିଜୟୀ ହୋଇ ଦ୍ୱିତୀୟ ସେମିଫାଇନାଲରେ ପ୍ରବେଶ କରିଛି । ସେହିପରି ଦ୍ୱିତୀୟ ମ୍ୟାଚ ଅନଗୁଳ ଗୋଲଡେନ କ୍ଲବ ଓ ଫୁଲବାଣୀ ସ୍ପୋର୍ଟ୍ସ ହଷ୍ଟେଲ ମଧ୍ୟରେ ହୋଇଥିଲା । ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାକୁ ଗୋଲ୍ ଦେଇ ନ ପାରିବାରୁ ଟାଇବ୍ରେକର ସାହାଯ୍ୟ ନିଆଯାଇଥିଲା । ଏଥିରେ ଫୁଲବାଣୀ ୬-୫ ଗୋଲରେ ବିଜୟୀ ହୋଇ ସେମିଫାଇନାଲକୁ ଉନ୍ନୀତ ହୋଇଛି । ସଚ୍ଚିଦାନନ୍ଦ ଦଲାଲ, ମାଗୁଣି ଗାଇଗୌରୀଆ, ଗୋବିନ୍ଦ ପାତ୍ର, ମନୋଜ ପ୍ରଧାନ, ଧର୍ମୁଧର ପୋଢ଼ ପ୍ରମୁଖ ଅତିଥି ଭାବେ ଯୋଗ ଦେଥିଲେ । ରେଫରୀ ସଲିଲ ବେହେରା, ମାନଭଞ୍ଜନ ମହାରଣା, ଅମିତ ବେହେରା ପରିଚାଳନା କରିଥିଲେ । ଅମ୍ବରିସ ପ୍ରଧାନ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିଲେ । ଶନିବାର ବିନିକା ଓ ଫୁଲବାଣୀ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଖେଳାଯିବ ।

## 'ବିକଶିତ ଗାଁ, ବିକଶିତ ଓଡ଼ିଶା'ର ସ୍ୱତନ୍ତ୍ର ଗ୍ରାମସଭା




**ବୀରମହାରାଜପୁର,୧୪।୨(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଉପଖଣ୍ଡ ଉଲୁଣ୍ଡା ବ୍ଲକର କ୍ଷେମାଲୋଏ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ବିକଶିତ ଗାଁ ବିକଶିତ ଓଡ଼ିଶା ର ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି । ସରପଞ୍ଚ ଯଶୋବନ୍ତ ପଣ୍ଡାଙ୍କ ସଭାପତିତ୍ୱରେ ଏଡିଇଓ ଗୌରାଙ୍ଗ ଚରଣ ସାହୁ, ନାଏବ ସରପଞ୍ଚ ରେବତୀ ବଘାରଙ୍କ ସହ ସମସ୍ତ ୱାର୍ଡ ସଭ୍ୟସଭ୍ୟା ଓ ପଞ୍ଚାୟତର ଜନସାଧାରଣଙ୍କ ଉପସ୍ଥିତିରେ ଗ୍ରାମସଭା ଅନୁଷ୍ଠିତ ହୋଇଥିଲା । ଓଡିଶା ସରକାରଙ୍କ ବିକଶିତ ଗାଁ ବିକଶିତ ଓଡିଶା ଯୋଜନାରେ ଗ୍ରାମ ପଞ୍ଚାୟତରେ ଉନ୍ନୟନ ମୂଳକ କାର୍ଯ୍ୟ ନିମନ୍ତେ ଆଗାମୀ ପାଞ୍ଚବର୍ଷର କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରାଯାଇଥିବା ଜଣାପଡ଼ିଛି ।

